# NATIONAL NEWS BULLETIN (ODIA)

**26 July - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତୀୟ ସୈନିକଙ୍କ ଅସାଧାରଣ ସାହସ ଓ ବୀରତ୍ୱକୁ ଆଜି ଦେଶବାସୀ ସ୍ମରଣ କରୁଛନ୍ତି - କହିଲେ ପ୍ରଧାନମନ୍ତ୍ରୀ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଭାରତର ସଫଳତା ଉପରେ କଲେ ଆଲୋକପାତ

- ଦେଶବାସୀ ଆଜି ପାଳନ କରୁଛନ୍ତି କାର୍‌ଗିଲ ବିଜୟର ୨୭ତମ ବାର୍ଷିକୀ

- ଜାମ୍ମୁ ମୂଳ ଶିବିରରୁ ଅମରନାଥ ଅଭିମୁଖେ ଯାତ୍ରା ଆରମ୍ଭ କଲେ ୧୯ତମ ତୀର୍ଥଯାତ୍ରୀ ଦଳ ।

ଏବଂ

- ଭାରତ-ଜିମ୍ବାୱେ ମଧ୍ୟରେ ପୁରୁଷ ତିନିଟିକିଆ ଟି-୨୦ କ୍ରିକେଟ୍ ସିରିଜ୍‌ର ଆଜି ହରାରେଠାରେ ଖେଳାଯିବ ତୃତୀୟ ମ୍ୟାଚ୍ ।

---

## ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଆଜିର ଦିବସ ଆମ ସମସ୍ତଙ୍କୁ ଗର୍ବିତ କରିଥାଏ । ଜୁଲାଇ ମାସ ୨୬ ତାରିଖକୁ ଦେଶବ୍ୟାପୀ କାର୍‌ଗିଲ ବିଜୟ ଦିବସ ପାଳନ କରାଯାଉଛି । ଭାରତୀୟ ସୈନିକଙ୍କର ଅସାଧାରଣ ସାହସ ଓ ବୀରତ୍ୱକୁ ଏହି ଦିବସ ସ୍ମରଣ କରାଉଛି ।

କାରଗିଲର ଉଚ୍ଚଶିଖର, ଅତ୍ୟନ୍ତ ପ୍ରତିକୂଳ ପାଗ ଏବଂ ଶତ୍ରୁପକ୍ଷ ଆହ୍ୱାନକୁ ଭାରତୀୟ ସୈନିକ ଯେଉଁଭଳି ସାମ୍ନା କରିଥିଲେ ତାହା ପ୍ରମାଣିତ କରିଛି ଯେ ସେମାନଙ୍କର ଆତ୍ମା ଏକ ଆହ୍ୱାନଠାରୁ ଊର୍ଦ୍ଧ୍ୱରେ ରହିଥିଲା । ମାତୃଭୂମିର ସୁରକ୍ଷା ପାଇଁ ସେମାନେ ସର୍ବୋଚ୍ଚ ବଳିଦାନ ଦେବାକୁ ଉତ୍ସର୍ଗୀକୃତ ରହିଥିଲେ । ସେମାନଙ୍କ ସାହସ, ଉତ୍ସାହ ଏବଂ ଦେଶପ୍ରେମକୁ ଆଜି ସମଗ୍ର ଭାରତ ପ୍ରଣାମ କରୁଛି । ଚଳିତବର୍ଷ ସେହି ବୀରଙ୍କୁ ସ୍ମରଣକରି ସ୍ୱତନ୍ତ୍ର ସୌର୍ଯ୍ୟ ବିଜୟ ଯାତ୍ରା ଆୟୋଜିତ ହୋଇଛି ।

**V/O (Kargil Vijaya Diwas)**

ଗତ ୧୪ ତାରିଖରେ ଦିଲ୍ଲୀର ଜାତୀୟ ଯୁଦ୍ଧସ୍ମାରକୀରୁ ବାହାରିଥିବା ମୋଟର ସାଇକଲ ର୍‌ୟାଲି ଦ୍ରାସ୍‌ର କାର୍‌ଗିଲ ଯୁଦ୍ଧସ୍ମାରକୀରେ ପହଞ୍ଚିବ । 'ଗୋଟିଏ ଯାତ୍ରା, ଗୋଟିଏ ରାଷ୍ଟ୍ର, ଗୋଟିଏ ସଲାମ' ଏହି ପ୍ରସଙ୍ଗରେ ମୋଟରସାଇକଲ ର୍‌ୟାଲି ଆୟୋଜିତ ହୋଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଭାରତୀୟ ନୌସେନାରେ ଆଇଏନ୍‌ଏସ୍ ମହେନ୍ଦ୍ରଗିରିର ସାମିଲ ଉପରେ ଆଲୋକପାତ କରିଛନ୍ତି । ଡିଆର୍‌ଡିଓ ପକ୍ଷରୁ ମଧ୍ୟ ଇତିମଧ୍ୟରେ ସଫଳତାର ସହ ପରୀକ୍ଷଣ ହୋଇଥିବା ଉଷା କ୍ଷେପଣାସ୍ତ୍ର ଏବଂ ପିନାକ ଦୂରଗାମୀ ଗାଇଡେଡ୍ ରକେଟ୍ ସମ୍ପର୍କରେ ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ପ୍ରତିରକ୍ଷା ଉତ୍ପାଦନ, ରପ୍ତାନୀ ତଥା ବିଭିନ୍ନ ରାଷ୍ଟ୍ର ସହିତ ରାଜନୈତିକ ସହଯୋଗ ନୂତନ ଶିଖରରେ ପହଞ୍ଚୁଛି ।

ପ୍ରଧାନମନ୍ତ୍ରୀ 'କ୍ୟାଚ୍ ଦି ରେନ୍' ଅଭିଯାନ ସମ୍ପର୍କରେ ଆଲୋକପାତ କରି କହିଛନ୍ତି ବର୍ଷାର ପ୍ରତ୍ୟେକ ବୁନ୍ଦା ସଂରକ୍ଷଣ କରିବା ଅଭିଯାନକୁ ଏକ ଜନ ଆନ୍ଦୋଳନରେ ପରିଣତ କରାଯିବା ଉଚିତ୍ । ଜଳଉତ୍ସ ଗୁଡ଼ିକର

ପୁର୍ନଉଦ୍ଧାର, ବର୍ଷାଜଳ ଅମଳ, ଭୂତଳ ଜଳଭଣ୍ଡାର ବୃଦ୍ଧି ଏବଂ ଚାରାରୋପଣ ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

କ୍ରୀଡ଼ା କ୍ଷେତ୍ରରେ ଭାରତୀୟ ଖେଳାଳିଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିବା ସହ କହିଛନ୍ତି ଜାପାନ ଓପନ ବ୍ୟାଡମିଣ୍ଟନ ଟାଇଟଲ ହାସଲ କରିବାରେ ପି.ଭି. ସିନ୍ଧୁ ହେଉଛନ୍ତି ପ୍ରଥମ ଭାରତୀୟ । ସେହିଭଳି ଭାରତୀୟ ମହିଳା କ୍ରିକେଟ ଦଳରେ ଲର୍ଡ୍ସ ଷ୍ଟାଡିୟମଠାରେ ପ୍ରଥମ ଟେଷ୍ଟ ବିଜୟ ଉପରେ ମଧ ଶ୍ରୀ ମୋଦୀ ବର୍ଣ୍ଣନା କରିଛନ୍ତି ।

ପ୍ରଧାନମନ୍ତ୍ରୀ’ ମହାକାଶ କ୍ଷେତ୍ରରେ ଘରୋଇ ଉଦ୍ୟୋଗର ସଫଳତାକୁ ଉଚ୍ଚ ପ୍ରଶଂସା କରିଛନ୍ତି । ଏହି ଅବସରରେ ବିକ୍ରମ-୧ର ସଫଳ ପରୀକ୍ଷଣ ଉପରେ ଶ୍ରୀ ମୋଦୀ ଉଲ୍ଲେଖ କରିବା ସହ ଯୁବ ଉଦ୍‌ଭାବକଙ୍କ ପ୍ରେରଣା ଏବଂ ଚେଷ୍ଟାର ପ୍ରଶଂସା କରିଛନ୍ତି । ବିଜ୍ଞାନ ଅଲମ୍ପିଆଡ୍ ଉପରେ ଶ୍ରୀ ମୋଦୀ ଆଲୋକପାତ କରିବା ସହ ଏହାର ବିଭିନ୍ନ ବର୍ଗରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ଛାତ୍ରଛାତ୍ରୀଙ୍କ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ପଦାର୍ଥବିଜ୍ଞାନ ଅଲମ୍ପିଆଡ୍‌ରେ ଭାରତର ସମସ୍ତ ୫ଜଣଯାକ ଛାତ୍ର ପଦକ ହାସଲ କରିବା ଗୌରବର ବିଷୟ ।

ପ୍ରଧାନମନ୍ତ୍ରୀ କହିଛନ୍ତି ସ୍ୱପ୍ନ, ପ୍ରତିଭା ଏବଂ କିଛି ହାସଲ କରିବାର ଆଗ୍ରହ କୌଣସି ବ୍ୟକ୍ତିକୁ ଲକ୍ଷ୍ୟ ହାସଲ ଦିଗରେ ଯାତ୍ରାକୁ ସହଜ କରିଥାଏ । ଏହି ଅବସରରେ ଶ୍ରୀ ମୋଦୀ ବିଭିନ୍ନ କ୍ଷେତ୍ରରେ ଦେଶର ଭିନ୍ନ ଭିନ୍ନ ପ୍ରାନ୍ତରୁ ସଫଳତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କ ଉପରେ ସୂଚନା ପ୍ରଦାନ କରିଛନ୍ତି । ସେ କହିଛନ୍ତି ‘ଏକ୍ ପେଡ୍ ମାଁ କେ ନାମ୍’ ଅଭିଯାନ ମାଧମରେ ଦେଶବାସୀ ପ୍ରକୃତି ପ୍ରତି ସେମାନଙ୍କ ଦାୟିତ୍ୱ ନିର୍ବାହ

କରୁଛନ୍ତି । ଏହି ଅବସରରେ ଅହମ୍ମଦାବାଦର ଭଦାଜ ଅଞ୍ଚଳରେ ଚାରାରୋପଣ ନେଇ ସ୍ଥାପନ ହୋଇଥିବା ଗିନିସ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍‌ସ ଉପରେ ଆଲୋକପାତ କରିଛନ୍ତି ।

ପରିବେଶ ପ୍ରଦୂଷଣ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ପ୍ଲାଷ୍ଟିକ ଜନିତ ପ୍ରଦୂଷଣ ଏବେ ବଡ ଆହ୍ୱାନ ସୃଷ୍ଟି କରିଛି । ପ୍ଲାଷ୍ଟିକ ପୁନଃ ଚକ୍ରଣ ମାଧ୍ୟମରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ ଉପରେ ଶ୍ରୀ ମୋଦୀ ଏହି ଅବସରରେ ବର୍ଣ୍ଣନା କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଆସନ୍ତା ମାସ ୭ ତାରିଖରେ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯିବ । ବୁଣାକାର ତଥା ହସ୍ତତନ୍ତ କାରିଗରଙ୍କ ଦକ୍ଷତା ଏବଂ ସୃଜନଶୀଳତାକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଲୋକାଲ ଫର ଭୋକାଲ ଭାବନାକୁ ଅଧିକ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଛନ୍ତି । ହସ୍ତତନ୍ତ କ୍ଷେତ୍ରରେ ବିକାଶ ଯୋଗୁଁ ଏହା ଉପରେ ନିର୍ଭରଶୀଳ କାରିଗରଙ୍କର ଜୀବନଶୈଳୀରେ ଉନ୍ନତି ଆସିଛି । ଇତିମଧ୍ୟରେ ଖଦି ଲୋକପ୍ରିୟତା ହାସଲ କରିଛି । ଗତ ୧୨ବର୍ଷ ମଧ୍ୟରେ ଏହାର ବିକ୍ରୟ ୬ ଗୁଣ ବୃଦ୍ଧି ପାଇ ପ୍ରାୟ ୮ହଜାର କୋଟି ଟଙ୍କାରେ ପହଞ୍ଚିଛି । ଆଗାମୀ ପର୍ବପର୍ବାଣିରେ ଖଦି, ହସ୍ତତନ୍ତ ଏବଂ ହସ୍ତଶିଳ୍ପରୁ ପ୍ରସ୍ତୁତ ଉତ୍ପାଦ କ୍ରୟ କରିବାକୁ ଶ୍ରୀ ମୋଦୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

**V/O (Handicrafts)**

ଶ୍ରୀ ମୋଦୀ କହିଛନ୍ତି ଆସନ୍ତାକାଲି ଭାରତରତ୍ନ ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ପୁଣ୍ୟତିଥି । ସମାଜର ବିଭିନ୍ନ ବର୍ଗଙ୍କୁ ସ୍ୱପ୍ନ ଦେଖିବା ଏବଂ ଏହାକୁ ସାକାର କରିବା ପାଇଁ ଡକ୍ଟର କଲାମଙ୍କ ଜୀବନାଦର୍ଶ ପ୍ରେରଣା ପ୍ରଦାନ କରିଆସୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ପରିଶେଷରେ

‘ହରଘର ତ୍ରିରଙ୍ଗା’ ଅଭିଯାନ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି ଏହା ଦେଶକୁ ଏକତ୍ରିତ କରିଛନ୍ତି । ଅଗଷ୍ଟ ୧୫ ପୂର୍ବରୁ ମାଇଁ ଗଭ୍ ପୋର୍ଟାଲରେ ନିଜସ୍ୱ ଚିନ୍ତାଧାରା ଏବଂ ପରାମର୍ଶକୁ ପଠାଇବାକୁ ଶ୍ରୀ ମୋଦୀ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି ।

## କାର୍ଗିଲ ବିଜୟ ଦିବସ

କାର୍ଗିଲ ବିଜୟ ଦିବସର ୨୭ତମ ବାର୍ଷିକୀ ଆଜି ଦେଶବ୍ୟାପୀ ପାଳନ କରାଯାଉଛି । ୧୯୯୯ ମସିହା କାର୍ଗିଲ ଯୁଦ୍ଧରେ ପ୍ରତିକୂଳ ପାଗ ସତ୍ତ୍ୱେ ଶତ୍ରୁକୁ ପରାସ୍ତ କରିବାରେ ଭାରତୀୟ ସୈନ୍ୟମାନଙ୍କର ବୀରତ୍ୱ ଏବଂ ତ୍ୟାଗକୁ ଆଜି ସ୍ମରଣ କରାଯାଉଛି । ପାକିସ୍ତାନ ବିପକ୍ଷରେ ଅପରେସନ ବିଜୟ ମାଧ୍ୟମରେ ଭାରତର ବଡ଼ ସଫଳତାକୁ ମନେ ପକାଇବା ସହିତ ଶହୀଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ହେଉଛି ଆଜିର ଦିବସର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅପରେସନ ମାଧ୍ୟମରେ ଭାରତୀୟ ସେନାବାହିନୀ ଜାମ୍ମୁ କାଶ୍ମୀରର କାର୍ଗିଲ ଜିଲ୍ଲାରୁ ପାକିସ୍ତାନୀ ଆତଙ୍କବାଦୀ ଓ ଅନୁପ୍ରବେଶକାରୀଙ୍କୁ ନିପାତ କରିବାରେ ସଫଳ ହୋଇଥିଲେ । ଆଜି କାର୍‌ଗିଲ ବିଜୟ ଦିବସର ମୁଖ୍ୟ କାର୍ଯ୍ୟକ୍ରମ ଲଦାଖର ଦ୍ରାସ୍‌ସ୍ଥିତ କାର୍‌ଗିଲ ଯୁଦ୍ଧସ୍ମାରକୀଠାରେ ଅନୁଷ୍ଠିତ ହେଉଛି ।

ଏହି ଦିବସ ପାଳନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ କେନ୍ଦ୍ର

ମନ୍ତ୍ରିପରିଷଦର ବହୁ ସଦସ୍ୟ ମାତୃଭୂମିର ରକ୍ଷା ପାଇଁ ପ୍ରାଣବଳି ଦେଇଥିବା ସାହସୀ ସୈନିକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

## ଜେକେ-ଅମରନାଥ ଯାତ୍ରା

ଭୂସ୍ଖଳନ ହେତୁ ଜାମ୍ମୁ ଓ ଶ୍ରୀନଗର ଜାତୀୟ ରାଜପଥକୁ ସଫା କରିବା ପରେ ଆଜି ସକାଳେ ଜାମ୍ମୁ ମୂଳ ଶିବିରରୁ ୪ହଜାର ୪୭୪ଜଣ ତୀର୍ଥଯାତ୍ରୀ ଅମରନାଥ ଅଭିମୁଖେ ଯାତ୍ରା କରିଛନ୍ତି । ୧୬୬ଟି ଯାତ୍ରୀବାହୀ ଗାଡ଼ିରେ ଯାଉଥିବା ତୀର୍ଥଯାତ୍ରୀ ମାନଙ୍କ ନିମନ୍ତେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହା ହେଉଛି ୧୯ତମ ତୀର୍ଥଯାତ୍ରୀ ଦଳ । ସେମାନେ ଆଜି ଗଣ୍ଡରବାଲ ଜିଲ୍ଲାର ବାଲତାଲ ମୂଳ ଶିବିରରୁ ଯାତ୍ରା କରିଛନ୍ତି । ବର୍ଷାଜନିତ କ୍ଷୟକ୍ଷତି ହେତୁ ଅନନ୍ତନାଗ ଜିଲ୍ଲାରେ ଥିବା ପହଲଗାମ ମୂଳ ଶିବିରରୁ କୌଣସି ତୀର୍ଥଯାତ୍ରୀ ଅମରନାଥ ଅଭିମୁଖେ ଯାଇନାହାନ୍ତି । ୫୭ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଯାତ୍ରା ସୁରୁଖୁରୁରେ ଚାଲିଥିବା ଜଣାପଡିଛି । ୪ଲକ୍ଷରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀ ଅଦ୍ୟାବଧି ୩ହଜାର ୮୮୦ ମିଟର ଉଚ୍ଚତା ବିଶିଷ୍ଟ ପବିତ୍ର ଅମରନାଥ ଗୁମ୍ଫା ଅଭିମୁଖେ ଯାତ୍ରା କରିଛନ୍ତି । ଚଳିତମାସ ୩ତାରିଖରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଆସନ୍ତା ମାସ ୨୮ ତାରିଖ ରକ୍ଷାବନ୍ଧନ ଉପଲକ୍ଷେ ସମାପ୍ତ ହେବ ।

## ପିଏମ୍ ସୋନଓ୍ୱାଲ କଲ

ଆସାମ ବନ୍ୟା ପରିସ୍ଥିତି ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସମୀକ୍ଷା କରିଛନ୍ତି । କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲଙ୍କ ସହ ଏ ବିଷୟରେ ଶ୍ରୀ ମୋଦୀ ବିସ୍ତୃତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସୋନଓ୍ୱାଲ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ସେ ନିଜେ ଆସାମର ବିଭିନ୍ନ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ପରିସ୍ଥିତିର କ୍ଷତ୍ରିୟ ସମୀକ୍ଷା କରିଛନ୍ତି । ଆସାମରେ ଏଭଳି ପ୍ରାକୃତିକ ଦୁର୍ବିପାକ ଅବସରରେ ରିଲିଫ ଏବଂ ପୁର୍ନବାସ ପାଇଁ କେନ୍ଦ୍ର ସରକାର ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବେ ବୋଲି ଶ୍ରୀ ସୋନଓ୍ୱାଲ ପ୍ରତିଶ୍ରୁତି ଦେଇଛନ୍ତି ।

## ରାଞ୍ଚି-ଡୁରାଣ୍ଡ କପ୍

ରାଞ୍ଚିଠାରେ ପ୍ରଥମଥର ପାଇଁ ଆୟୋଜିତ ହେଉଥିବା ଡୁରଣ୍ଡକପ୍ର ୧୩୫ତମ ସଂସ୍କରଣ ଝାଡ଼ଖଣ୍ଡ କ୍ରୀଡ଼ା ଇତିହାସରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି । ଆମ ସମ୍ବାଦଦାତା କହିଛନ୍ତି ବିର୍ସାମୁଣ୍ଡା ଫୁଟବଲ ଷ୍ଟାଡିୟମରେ ଆଜି ସଂଧ୍ୟାରେ ଆରମ୍ଭ ହେବାକୁ ଥିବା କ୍ରୀଡ଼ାର ସମସ୍ତ ପ୍ରସ୍ତୁତିପର୍ବ ଶେଷ ହୋଇଛି । ଏହି ଫୁଟବଲ ପ୍ରତିଯୋଗିତା ଏସିଆ ମହାଦେଶର ସର୍ବ ପୁରାତନ ଓ ମର୍ଯ୍ୟାଦାଜନକ କ୍ରୀଡ଼ା ଭାବେ ଜଣାଶୁଣା ।

ଆଜି ସଂଧ୍ୟାର ପ୍ରଥମ ମ୍ୟାଚ୍ ଜାମସେଦପୁର ଏଫ୍‌ସି ଓ ଶ୍ରୀଲଙ୍କାସ୍ ଡିଫେଣ୍ଡର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହେବ । ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବେ । କ୍ରୀଡ଼ାପ୍ରେମୀ ମାନଙ୍କର ଆଗ୍ରହ ଓ ଉତ୍ସାହକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଆଜି ବିନା ଟିକଟରେ ଷ୍ଟାଡିୟମ ପ୍ରବେଶର ବ୍ୟବସ୍ଥା କରିଛନ୍ତି ।

## କ୍ରିକେଟ୍

ଭାରତ-ଜିମ୍ବାୱେ ମଧ୍ୟରେ ପୁରୁଷ ୩ ଟିକିଆ ଟି-୨୦ କ୍ରିକେଟ୍ ସିରିଜ୍‌ର ଆଜି ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବ । ହରାରେ ସ୍ପୋର୍ଟ୍‌ସ କ୍ଲବରେ ଭାରତୀୟ ସମୟ ଆଜି ଅପରାହ୍ଣ ୪ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ଗତକାଲି ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୯୦ ରନ୍‌ରେ ଜିମ୍ବାୱେକୁ ପରାସ୍ତ କରିଛି । ସିରିଜ୍‌ରେ ପ୍ରଥମ ଦୁଇଟି ମ୍ୟାଚ୍‌ରେ ବିଜୟ ହାସଲ କରି ଭାରତ ୨-୦ରେ ଆଗୁଆ ରହିଛି ।